# ଅନ୍ୱେଷଣ

ସବିତା ରଥ

ବର୍ଣ୍ଣିଳ ଏଇ ଜୀବନ ସଞ୍ଜେ
ଭରିଛ ମୋ ପାତ୍ର ମଧୁର ଛନ୍ଦେ
ମଧୁମୟ ପଥେ ଦୁଃଖର ଜ୍ୱାଳା
ତଥାପି ଲୋଡୁଛି ଜୀବନ ଧାରା
ବିଦୀର୍ଣ୍ଣ ପୃଥ୍ୱୀ
ଭଗ୍ନ ଶତଦଳେ ଖୋଜୁଛି ସାଥି ।୧।

କଙ୍କରିତ ଏବେ ନଦୀର ଶଯ୍ୟା
ଆଶା ବୈତରଣୀ ସାଜିଛି ବନ୍ଧ୍ୟା
ବାହୁଛି ମୁଁ ନାଆ ଶୃଙ୍ଖଳା ତୁଠେ
ହୃଦେ ସାହାନାଇ ବିଳପି ଉଠେ
ପାଉନି ରାହା
ଆକୁଳେ ଖୋଜୁଛି ତୁମରି ବାହା ।୨।

❐❐❐

ଦୋଳମଣ୍ଡପ ସାହି
ହାବେଳି ଗଳି, ପୁରୀ

# ଶରଣ ପଶିଲି ହେ ବିଶ୍ୱପତି

ଶ୍ରୀ କିଶୋର କୁମାର ରାଓ

କେମନ୍ତେ ପ୍ରଭୁ ମୁଁ ପୂଜିବି ପାଦ
ହୃଦୟରେ ମୋର ଘୋର ପ୍ରମାଦ
ପ୍ରେମ ଭକ୍ତି ହୀନ ପାଷାଣ ଅତି
କଠିନ ହୃଦୟ କୁଟିଳ ମତି

ଇନ୍ଦ୍ରିୟ ବିଳାସେ ପାପ ବିକାରେ
ଜଡ଼ିତ ରହିଛି ଏହି ସଂସାରେ
କେମନ୍ତେ ଦେଖିବି ସେ ପ୍ରେମାଜନେ
ମୋହେ ଅନ୍ଧୀଭୂତ ପାପ ନୟନେ
ଦୂର କର ପ୍ରଭୁ ଏ ମୂଢ଼ମତି
ଶରଣ ପଶିଲି ହେ ବିଶ୍ୱପତି ।

❐❐❐

ଶ୍ରୀମନ୍ଦିର କାର୍ଯ୍ୟାଳୟ,
ରେକର୍ଡ଼ରୁମ୍
ପୁରୀ

# ମହାନାୟକ

ଶୈଳବାଳା ମହାପାତ୍ର

ପ୍ରତିଟି ଘଟଣା ତମର
ସବୁ ଅଘଟଣ ବି

ତମେ ମୋ ପୁଣ୍ୟର ପୁଣ୍ୟ
ମୋର ସବୁ ପାପର ପାପ
ତମେ ମୋ ସମ୍ଭୋଗର ଶେଷ ଶିହରଣ
ବିପ୍ରଲମ୍ଭ ବିଚିତ୍ର ବିଷାଦ
ମୋ ଦୁଃଖର ନିର୍ଜନ ଦରଦ
ପୁଣି ସୁଖର ସୁନୀଳ ଆକାଶ

ତମେ ମୋ ପ୍ରୀତିର ପୂରବୀ
ପୁଣି ରତିର ଜାହ୍ନବୀ
ପ୍ରତିଟି ଘଟଣା ତମର
ସବୁ ଅଘଟଣା ବି

ତମେ ଦ୍ରୌପଦୀର କର୍ଣ୍ଣମନସ୍କ ମନ
ସୀତାର ତପସ୍ୟା
ରାଧାର ମୃଦୁ ମଳୟ
ତମେ ମୋର ଅହଙ୍କାର
ତମେ ମୋ ନିଃସ୍ୱତା
ଏକାନ୍ତ ଏକାକୀପଣ
ତମେ ମୋର ଆଚାର
ଓ ପୁଣି ବ୍ୟଭିଚାର

ଗଛରେ
ପତ୍ରରେ
ଫୁଲର କାକର ବିନ୍ଦୁରେ
ପାହାଡ଼ ଛାତିରେ
ନଈର ଗୀତରେ
ତମେ ଥାଅ
ତମେ ଦିଶୁଥାଅ
ସମୟର ପ୍ରତିଟି ପୃଷ୍ଠାରେ
ଦିଶୁଥାଏ ତମର ଛବି
ସବୁ ଘଟଣା ତମର
ପ୍ରତି ଅଘଟଣ ବି !!

❐❐❐

ଶିଳାଚିନ୍ମୟ, ଇନ୍ଦ୍ରଦ୍ୟୁମ୍ନ ଛକ,
ଟିକରପଡ଼ା, ପୁରୀ-୨